# ଗର୍ଭଧାରଣ ପୂର୍ବ ଏବଂ ପ୍ରସବ ପୂର୍ବ ରୋଗ ନିରୂପଣ ନିଦାନ କୌଶଳ ଆଇନ : ଭାରତ (PCPNDT)

CommonHealth

ପ୍ରାୟ ୧୯୭୦ର ଶେଷ ଭାଗକୁ ଏବଂ ୧୯୮୦ର ପ୍ରାରମ୍ଭିକ ସମୟରେ ଲିଙ୍ଗ ନିରୂପଣ ପଦ୍ଧତି ବ୍ୟବହାର କରି ଝିଅମାନଙ୍କୁ ଅଦରକାରି ଭାବି କନ୍ୟା ଭ୍ରୂଣକୁ ନଷ୍ଟ କରିଦେଉଥିଲେ। ମହିଳା ଅଧିକାର କର୍ମିମାନେ ଲିଙ୍ଗଗତ ପକ୍ଷପାତିତା ବିରୁଦ୍ଧରେ ଚଳାଇଥିବା ଅଭିଯାନର ଫଳ ସ୍ୱରୂପ ୧୯୮୭ରେ ମହାରାଷ୍ଟ୍ର ସରକାର ପ୍ରସବ ପୂର୍ବ ଲିଙ୍ଗ ନିରୂପଣ ସହାୟକ ଆଇନ ପ୍ରଚଳନ କରିଥିଲେ। ଯାହା ପରବର୍ତ୍ତୀ ସମୟରେ ୧୯୯୪ ମସିହାରେ ଜାମ୍ମୁ କାଶ୍ମୀର ବ୍ୟତୀତ ସମଗ୍ର ଦେଶରେ ପ୍ରଚଳନ କରାଯାଇଥିଲା। ଏହି ଆଇନର ଲକ୍ଷ୍ୟ ଥିଲା ଲିଙ୍ଗନିରୂପଣକୁ ନିଷେଧ କରିବା ଏବଂ ପ୍ରସବ ପୂର୍ବ ରୋଗ ନିରୂପଣ ସହାୟକ ପଦ୍ଧତିକୁ ନିୟନ୍ତ୍ରଣ କରିବା। ପ୍ରସବ ପୂର୍ବ ଏବଂ ଗର୍ଭଧାରଣ ପରେ ଲିଙ୍ଗ ନିରୂପଣର ପ୍ରଯୁକ୍ତି ବିଦ୍ୟାର ବ୍ୟବହାରରେ ନିୟନ୍ତ୍ରଣ କରିବା ପାଇଁ ୨୦୦୩ ମସିହାରେ ଏହାକୁ ସଂଶୋଧନ କରାଯାଇଥିଲା।

## ନିଷେଧ ଗୁଡ଼ିକ :

- ପ୍ରସବ ପୂର୍ବ ରୋଗ ନିରୂପଣ ସହାୟକ ପଦ୍ଧତିରେ ଭ୍ରୂଣର ଲିଙ୍ଗ ନିରୂପଣ କରିବା କିମ୍ବା ପ୍ରୋତ୍ସାହିତ କରିବା
- ମହିଳା କିମ୍ବା ତାଙ୍କର ପରିବାରକୁ ସେବା ପ୍ରଦାନକାରୀମାନେ ଭ୍ରୂଣ ଲିଙ୍ଗ ସମ୍ପର୍କରେ ଜଣାଇବା।
- ପ୍ରସବ ପୂର୍ବ ଲିଙ୍ଗ ନିରୂପଣ ସେବା ବାବଦରେ ବିଜ୍ଞାପନ ଦେବା।

## ଧାର୍ଯ୍ୟ କରାଯାଇଥିବା ନିୟମ :

ଚିକିତ୍ସାକେନ୍ଦ୍ର ଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ଏହି ଆଇନରେ ନିର୍ଦ୍ଦେଶ ଦିଆଯାଇଛି ଯେ,

- ଅଲଟ୍ରାସାଉଣ୍ଡ ଯନ୍ତ୍ରପାତି କେବଳ ପଞ୍ଜିକୃତ ଦଳ ବା ସଂସ୍ଥା ମାନଙ୍କୁ ବିକ୍ରୟ କରାଯାଇପାରିବ।
- ସମସ୍ତ ଜନ୍ମ ସମ୍ବନ୍ଧୀୟ ରୋଗ ନିରୂପଣ ସହାୟକ ପରୀକ୍ଷାଗାର, ପରାମର୍ଶ କେନ୍ଦ୍ର, ଏବଂ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଯେଉଁଗୁଡ଼ିକ ପ୍ରସବପୂର୍ବ ରୋଗ ନିରୂପଣ ପଦ୍ଧତିରେ ସାମିଲ ଅଛନ୍ତି ନିଶ୍ଚିତ ଭାବରେ ସରକାରଙ୍କ ପାଖରେ ପଞ୍ଜିକୃତ ହୋଇଥିବ।
- ଏହି ପଦ୍ଧତିକୁ ବ୍ୟବହାର କରୁଥିବା ବ୍ୟକ୍ତି ବିଶେଷ ରୋଗ ନିରୂପଣ ସହାୟକ କୌଶଳକୁ ସମ୍ପାଦନ କରିବା ପାଇଁ ଆବଶ୍ୟକ ଯୋଗ୍ୟତାର ମାନଦଣ୍ଡକୁ ନିଶ୍ଚିତ ଭାବରେ ପୂର୍ଣ୍ଣ କରୁଥିବେ।
- ଏହି ଆଇନ୍ ଦ୍ୱାରା ପଞ୍ଜିକୃତ ହୋଇଥିବା ସ୍ଥାନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ପ୍ରସବ ପୂର୍ବ ରୋଗ ନିରୂପଣ ପଦ୍ଧତିକୁ କୌଣସି କର୍ମଚାରୀ ବ୍ୟବହାର କରିପାରିବେ ନାହିଁ।
- କୌଣସି କର୍ମଚାରୀ ଲିଙ୍ଗ ନିରୂପଣ ପଦ୍ଧତିରେ ସାମିଲ ହୋଇପାରିବେ ନାହିଁ।
- ସ୍କାନ ହେବାର ଗୋଟିଏ ଦିନ ମଧରେ ପ୍ରତ୍ୟେକ ସ୍କାନର ସମସ୍ତ ତଥ୍ୟକୁ ଯତ୍ନର ସହିତ ଗଚ୍ଛିତ ରଖିବା ସହିତ ଅନ୍‌ଲାଇନରେ 'ଫର୍ମ ଏଫ୍' ମାଧମରେ ନିବେଦନ କରିବେ।
- ଲିଙ୍ଗ ନିରୂପଣ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବା ପଦ୍ଧତିକୁ ପ୍ରଚାର କରିବା ପାଇଁ ନିଷିଦ୍ଧ କରାଯାଇଛି। ଚୁକ୍ତିର ଉଲଙ୍ଘନ କଲେ ମେସିନ ଏବଂ ଯନ୍ତ୍ରପାତିକୁ ତଲାସ କରିବା, ଜବତ କରିବା ଏବଂ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ କେନ୍ଦ୍ରିୟ ପର୍ଯ୍ୟବେକ୍ଷଣ ସମିତିକୁ କ୍ଷମତା ଦିଆଯାଇଛି।

## ଅନୁମତି ଗୁଡ଼ିକ :

ପଦ୍ଧତି ଗୁଡ଼ିକର ବ୍ୟବହାର- ଏହି ଆଇନ ନିମ୍ନଲିଖିତ ପଦ୍ଧତି ଗୁଡ଼ିକର ବ୍ୟବହାରକୁ ଅନୁମତି ଦେଇଛି ।

- ରୋଗ ନିରୂପଣ ପଦ୍ଧତି ମାଧ୍ୟମରେ ଜୀବକୋଷର ଅସ୍ୱାଭାବିକତା, ରକ୍ତକଣିକା, ଅନୁବଂଶିକ ଶାରିରୀକ ବୃଦ୍ଧିକାରୀ ଅବ୍ୟବସ୍ଥା, ଲିଙ୍ଗଜନିତ ଅନୁବଂଶିତ ରୋଗ, ଜନ୍ମଗତ ତ୍ରୁଟିପୂର୍ଣ୍ଣ ଅବସ୍ଥା ଗୁଡ଼ିକୁ ଚିହ୍ନଟ କରିବାପାଇଁ କେନ୍ଦ୍ରିୟ ପର୍ଯ୍ୟବେକ୍ଷଣ ସମିତି କିଛି ସର୍ତ୍ତ ରଖିଛନ୍ତି ।
- ଯଦି ମହିଳାଙ୍କର ବୟସ ୩୫ ବର୍ଷରୁ ଉର୍ଦ୍ଧ୍ୱ ବା ତା' ସହିତ ଦୁଇଟିରୁ ଉର୍ଦ୍ଧ୍ୱ ସ୍ୱେଛାକୃତ ଗର୍ଭନଷ୍ଟ ହୋଇଥାଏ ବା ଭ୍ରୂଣ ନଷ୍ଟ ହୋଇଥାଏ, ଅସୁରକ୍ଷିତ, ସାଙ୍ଘାତିକ ରୋଗକୁ ପ୍ରତିନିଧିତ୍ୱ କରୁଥିବା ସମ୍ଭାବନା, ପାରିବାରିକ ଇତିହାସରେ ଅନୁବଂଶିକ ବିଶୃଙ୍ଖଳା ଓ ଅବିକଶିତ ମାନସିକ ବିକାଶ ବା କେନ୍ଦ୍ରିୟ ପର୍ଯ୍ୟବେକ୍ଷଣ ସମିତିଙ୍କ ଦ୍ୱାରା ଚିହ୍ନିତ ଅନ୍ୟ କୌଣସି ନିର୍ଦ୍ଦିଷ୍ଟ ବସ୍ଥାରେ ନିଷ୍ପତି ନେଇପାରିବେ ।

## ବିଭିନ୍ନ ବ୍ୟବସ୍ଥା ଗୁଡ଼ିକର ବ୍ୟବହାର :

ଏହି ଆଇନ ମାଧ୍ୟମରେ ସରକାରଙ୍କ ଦ୍ୱାରା ପଞ୍ଜିକୃତ ରୋଗନିରୂପଣ ସହାୟକ ପରୀକ୍ଷାଗାର, ଅନୁବଂଶିକ ପରାମର୍ଶ କେନ୍ଦ୍ର ଏବଂ ଅଲ୍‌ଟ୍ରାସାଉଣ୍ଡ ଚିକିତ୍ସା କେନ୍ଦ୍ର ଗୁଡ଼ିକୁ ପ୍ରସବ ପୂର୍ବ ରୋଗନିରୂପଣ ସହାୟକ ପଦ୍ଧତି ବା ସେବା ଗୁଡ଼ିକର ବ୍ୟବହାର କରିବା ପାଇଁ ସମ୍ମତି ପ୍ରଦାନ କରାଯାଇଛି ।

## ମହିଳା ମାନଙ୍କର ଅଧିକାର :

ଯେତେବେଳେ ମହିଳାଙ୍କୁ ସେ ବୁଝିପାରୁଥିବା ଭାଷାରେ ଜଣାଇବା ସହିତ ସମସ୍ତ ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ ସଠିକ ଭାବରେ ସୂଚନାଦେଇ ତାଙ୍କ ଲିଖିତ ସହମତି ଉପଯୁକ୍ତ ଫର୍ମରେ ନେଇ ଏକ କିତା ନକଲ ମହିଳାଙ୍କୁ ଦିଆଯିବା ପରେ ପ୍ରସବପୂର୍ବ ରୋଗନିରୂପଣ ପଦ୍ଧତିର ବ୍ୟବହାରକୁ ଅନୁମତି ଦିଆଯାଇପାରିବ ।

## ଦଣ୍ଡାତ୍ମକ ମାନଦଣ୍ଡ :

ଯଦି କୌଣସି କ୍ଷେତ୍ରରେ ଧାର୍ଯ୍ୟ ନିୟମକୁ ଉଲଙ୍ଘନ କରାଯାଏ ତା' ହେଲେ ଶାସ୍ତିମୂଳକ ମାନଦଣ୍ଡ ଗୁଡ଼ିକ ହେଲା-

- ଯେଉଁ ସେବା ପ୍ରଦାନକାରୀ ସଂସ୍ଥା ଧାର୍ଯ୍ୟ ନିୟମର ଆଦେଶ ଅନୁସାରେ କାର୍ଯ୍ୟ କରୁନଥିବେ ସେମାନଙ୍କୁ ନୋଟିସ୍ କରାଯିବ । ଏବଂ ଯଦି ସେମାନେ କାରଣ ଦର୍ଶାଇବା ବିଜ୍ଞପ୍ତିର ପ୍ରତିପକ୍ଷ କାର୍ଯ୍ୟର ଉତ୍ତର ପ୍ରଦାନ କରିବାରେ ବିଫଳ ହୁଅନ୍ତି ତେବେ ସେମାନଙ୍କର ପଞ୍ଜିକରଣକୁ ବାତିଲ କରାଯିବ ।
- ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ବାବଦରେ ରାଜ୍ୟ ମେଡିକାଲ କାଉନସିଲକୁ ଲିଖିତ ବିବରଣୀ ଦେଲେ ମକଦ୍ଦମା ଫୈସଲା ହେବା ପର୍ଯ୍ୟନ୍ତ ତାଙ୍କର ପଞ୍ଜିକରଣକୁ ସ୍ଥଗିତ କରାଯିବ ଏବଂ ତାଙ୍କର ନାମକୁ ୫ ବର୍ଷ ପାଇଁ କାଉନସିଲ୍‌ର ରେଜିଷ୍ଟରରୁ ହଟାଇ ଦିଆଯିବ ଏବଂ ଯଦି ଅଭିଯୋଗ ପ୍ରମାଣିତ ହୁଏ ତାହା ହେଲେ ତାଙ୍କୁ ସଂପୂର୍ଣ୍ଣ ଭାବରେ କାଉନସିଲରୁ ବହିଷ୍କୃତ କରାଯିବ ।
- ମହିଳା - ତାଙ୍କ ପରିବାରକୁ ୩ ରୁ ୫ ବର୍ଷ କାରାଗାର ରଖାଯିବ ଏବଂ ଦଶ ହଜାରରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଆଦାୟ କରାଯିବ ।

**PCPNDT ଆଇନ କୌଣସି ସ୍ଥାନରେ ଗର୍ଭସମାପ୍ତିକୁ ବିରୋଧ କରେନାହିଁ ।**


CommonHealth

**SAHAJ on behalf of CommonHealth**
SAHAJ, 1 Shri Hari Apartments, 13 Anandnagar Society,
Behind Express Hotel, Alkapuri, Vadodara, Gujarat, India 390007
Tel: 91-265-2342539 • Email: sahaj_sm2006@yahoo.co.in
Website: www.sahaj.org.in

Contact: Swati Shinde [Coordinator CommonHealth]
• Email : cmnhsa@gmail.com
CommonHealth website: http://www.commonhealth.in

Sahayog
for equity and
sustainable development